ସମ୍ବାଦ

Sd/-Registrar, MSCB University

# ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ, ଦେବଗଡ଼

ପତ୍ର ସଂଖ୍ୟା. ୩୪/ଗୃହରକ୍ଷୀ ତା. 03.03.2025

## ଦେବଗଡ଼ ଜିଲ୍ଲା ଗୃହରକ୍ଷୀ ସଙ୍ଗଠନରେ ଗୃହରକ୍ଷୀ ଭାବରେ ନିଯୁକ୍ତି ପାଇଁ ସୂଚନା

ଦେବଗଡ଼ ଜିଲ୍ଲା ଗୃହରକ୍ଷୀ ସଙ୍ଗଠନରେ ଗୃହରକ୍ଷୀ ଭାବରେ ନିଯୁକ୍ତି ପାଇଁ ଦେବଗଡ଼ ଜିଲ୍ଲାର ଆଗ୍ରହୀ ପ୍ରାର୍ଥୀଙ୍କ ଠାରୁ ନିର୍ଦ୍ଧାରିତ ଫର୍ମ (ଓଡ଼ିଶା ଗୃହରକ୍ଷୀ ନିୟମ ୧୯୬୨ର ଫର୍ମ (A) ରେ ଦରଖାସ୍ତ ଆବେଦନ କରିବା ପାଇଁ ଆହ୍ୱାନ କରାଯାଉଛି। ଇଚ୍ଛୁକ ପ୍ରାର୍ଥୀଙ୍କୁ ସମଦେଷ୍ଟା ଗୃହରକ୍ଷୀ ବାହିନୀ, ଦେବଗଡ଼ଙ୍କ କାର୍ଯ୍ୟାଳୟଠାରେ ତା. ୦୫.୦୩.୨୦୨୫ରିଖି ଠାରୁ ତା. ୧୫.୦୩.୨୦୨୫ ରିଖି ସନ୍ଧ୍ୟା ୫.୦୦ଟା ସୁଦ୍ଧା ଆବେଦନ ଫର୍ମ ଦାଖଲ କରିବାକୁ ପଡିବ। ନିଯୁକ୍ତି ପରୀକ୍ଷା କେଉଁଠାରେ ଏବଂ କେବେ ଅନୁଷ୍ଠିତ ହେବ ଏହା ଆବେଦନକାରୀମାନେ ନିକଟସ୍ଥ ଥାନା, ଫାଣ୍ଡି ଏବଂ ସମଦେଷ୍ଟା ଗୃହରକ୍ଷୀ ବାହିନୀଙ୍କ କାର୍ଯ୍ୟାଳୟଠାରୁ ବୁଝିପାରିବେ। କମ୍ପ୍ୟୁଟର ଜ୍ଞାନ, ରୋଷେଇ ଜ୍ଞାନ, ଗାଡି ଚାଳନା ଜ୍ଞାନ, ବିଦ୍ୟୁତ୍ ମିସ୍ତ୍ରୀ ଜ୍ଞାନ, ପାଇପ ମିସ୍ତ୍ରୀ ଜ୍ଞାନ ଓ ଅନ୍ୟାନ୍ୟ କ୍ଷେତ୍ରରେ ଦକ୍ଷତା ଜ୍ଞାନ ଥିବା ବ୍ୟକ୍ତିମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ। ମୋଟ ଖାଲି ଥିବା ପଦବୀ ସଂଖ୍ୟା ୬୦। ଯଦି ଆବେଦନକାରୀଙ୍କ ସଂଖ୍ୟ ଉପଲବ୍ଧ ଖାଲି ପଦବୀ ଠାରୁ ଅଧିକ ହୁଏ, ତେବେ ଆବେଦନକାରୀଙ୍କୁ କିଛି ଚୟନ ପରୀକ୍ଷା/ ସାକ୍ଷାତକାରର ସମ୍ମୁଖୀନ ହେବାକୁ ପଡିବ। ହୋମଗାର୍ଡ ସେବା ସ୍ଥାୟୀ ଚାକିରି ନୁହେଁ ଏହା ଏକ ସ୍ୱେଚ୍ଛାକୃତ ସେବା ଏବଂ ୩ ବର୍ଷର କାର୍ଯ୍ୟକାଳ ପାଇଁ ନିଯୁକ୍ତି। ଶୃଙ୍ଖଳା, ବହିଷ୍କାର ଏବଂ ଅନ୍ୟାନ୍ୟ ନିୟମ ଏବଂ ସର୍ତ୍ତାବଳୀ ଓଡ଼ିଶା ଗୃହରକ୍ଷୀ ଆଇନ ୧୯୬୧ ଏବଂ ଓଡ଼ିଶା ଗୃହରକ୍ଷୀ ନିୟମ ୧୯୬୨ ଏବଂ Circular Order No. 01/2025 ଦ୍ୱାରା ନିୟନ୍ତ୍ରିତ ହେବ। ଆବେଦନ ଫର୍ମଗୁଡିକ ଏହି ଜିଲ୍ଲାର ସମସ୍ତ ଥାନା, ଫାଣ୍ଡି ଓ ସମଦେଷ୍ଟା ଗୃହରକ୍ଷୀ ବାହିନୀଙ୍କ କାର୍ଯ୍ୟାଳୟଠାରେ ଉପଲବ୍ଧ ହେବ।

**ଯୋଗ୍ୟତା:-**

୧. ଆବେଦନକାରୀ ଦେବଗଡ଼ ପୁଲିସ ଜିଲ୍ଲାର ସ୍ଥାୟୀବାସିନ୍ଦା ହୋଇଥିବା ଆବଶ୍ୟକ।
୨. ଆବେଦନକାରୀ ଅତିକମରେ ପଞ୍ଚମଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ।
୩. ଆବେଦନକାରୀ ଓଡ଼ିଆ ଭାଷା ପଢ଼ି, ଲେଖି ଏବଂ କହିପାରୁଥିବେ।
୪. ଆବେଦନକାରୀ ସୁସ୍ଥ ଭଲ ଶରୀର ଏବଂ ଶରୀର ଦୁର୍ବଳତା ମୁକ୍ତ ହୋଇଥିବା ଆବଶ୍ୟକ।
୫. ଆବେଦନକାରୀଙ୍କ ବୟସ ୦୧.୦୧.୨୦୨୫ ସୁଦ୍ଧା ୨୦ ବର୍ଷରୁ କମ କିମ୍ବା ୬୦ ବର୍ଷରୁ ଉର୍ଦ୍ଧ ହୋଇନଥିବ।
୬. ଆବେଦନକାରୀଙ୍କ ଚରିତ୍ର ଭଲ ହେବା ଉଚିତ ଏବଂ ତାଙ୍କ ବିରୁଦ୍ଧରେ କୌଣସି ଅପରାଧିକ ମାମଲା ବିଚାରଧିନ ନଥିବ।

**ଆବେଦନକାରୀଙ୍କୁ ଫର୍ମ ସହିତ ଏହି ସବୁ ପ୍ରମାଣପତ୍ର ସଂଲଗ୍ନ କରିବାକୁ ପଡିବ।**

୧. ଆବାସିକ ପ୍ରମାଣପତ୍ର। ୨. ବୟସ ଏବଂ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର। ୩. ଚାରିଗୋଟି ପାସପୋର୍ଟ ଆକାରର ରଙ୍ଗୀନ ଫଟୋ। ୪. ଦକ୍ଷତା ଅନୁଯାୟୀ ପ୍ରମାଣପତ୍ର। ୫. ପରିଚୟ ପ୍ରମାଣପତ୍ର ସ୍ୱରୂପ (ଆଧାରକାର୍ଡ/ ଭୋଟର କାର୍ଡ)

ଯୋଗାଯୋଗ ନମ୍ବର: 9937215040

ସ୍ୱା/- ସମଦେଷ୍ଟା ଗୃହରକ୍ଷୀ ବାହିନୀ, ଦେବଗଡ଼